# JDP
# JANATA DARBAR PARTY

*(Of the People, For the People & By the People)*

Regd. No. 56/232/2022/PPS-IV


ତା ୦୫/୧୧/୨୦୨୩

## ପ୍ରେସ୍ ଇସ୍ତାହାର୍

ଆଜି ତା ୫/୧୧/୨୦୨୩ ରିଖ ଦିନ ୧୨ ଘଟିକା ସମୟରେ ଉତ୍କଳ ସାମ୍ବାଦିକ ଭବନ, ୟୁନିଟ-୩ ଠାରେ **ଜନତା ଦରବାର ପାର୍ଟି**ର ସଦସ୍ୟ ଏବଂ ବହୁ ପ୍ରତିଷ୍ଠିତ ସମାଜସେବୀଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ପାର୍ଟିର ସଭାପତି ଶ୍ରୀଯୁକ୍ତ ପର୍ଶୁରାମ ବିଶ୍ୱାଳ, ଉପସଭପତି ଶ୍ରୀଯୁକ୍ତ ତପନ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ମହମଦ ସନୁଓର୍, ସମ୍ପାଦକ ଶ୍ରୀଯୁକ୍ତ ବିଜୁ ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ଉମା ଚରଣ ମିଶ୍ର ଏବଂ ପାର୍ଟିର ଅନ୍ୟ ସବୁ ସଦସ୍ୟ ଉପସ୍ଥିତ ଥିଲେ । ସେମାନଙ୍କ ଉପସ୍ଥିତିରେ ପାର୍ଟିର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟଗୁଡିକ ଉପରେ ଏକ ବିସ୍ତୃତ ଆଲୋଚନା ହେଇଥିଲା ।

ପାର୍ଟିର ସଭାପତି ଶ୍ରୀଯୁକ୍ତ ପର୍ଶୁରାମ ବିଶ୍ୱାଳ କହିଲେ, ଯେ ପର୍ଯ୍ୟନ୍ତ ସରକାରୀ ସଂସ୍ଥା ମଜବୁତ୍ ନହେବ ଲୋକଙ୍କୁ ସମ୍ପୂର୍ଣ ନ୍ୟାୟ ଅଧିକାର ମିଳିବ ନାହିଁ ଏବଂ ଆମର କୌଣସି ସମସ୍ୟା ମଧ ସମାଧାନ ହେବ ନାହିଁ । ଏଥିପାଇଁ ସରକାର ଯେତେ ନିୟମ କାନୁନ୍ କଲେବି ଯେତେ ଯୋଜନା କଲେବି ସବୁଥିରେ ବିଫଳ ହେଉଛନ୍ତି । ତେଣୁ ଆମର ଲକ୍ଷ୍ୟ ପ୍ରତେକ୍ ସମସ୍ୟାର କିପରି ଏକ ସ୍ଥାୟୀ ସମାଧାନ ବାହାରି ପାରିବ ଯେପରିକି ଆମେ ଯେଉଁ ଅସୁବିଧା ରେ ସମ୍ମୁଖୀନ ହେଉଛୁ ଯେମିତି ଆମର ଆସୁଥିବା ପିଢିଙ୍କ ପାଇଁ କିଛି ଅସୁବିଧା ନ ହୁଏ ।

ସମସ୍ୟା ବଢିବାର ମୁଖ୍ୟ କାରଣ ହେଲା ଯେଉଁ ଅନୁପାତରେ ଆମର ଲୋକ ସାଂଖ୍ୟ ବଢୁଛି ସରକାରୀ ସ୍ତରରେ ନିଯୁକ୍ତି ହାର ବଢୁ ନାହିଁ, ତେଣୁ ବେକାରୀ ସମସ୍ୟା ବଢୁଛି ଓ ଯୁବକଙ୍କୁ ତାଙ୍କ ଅଧିକାର ମିଳୁ ନାହିଁ । ପ୍ରାଇଭେଟ୍ ସଂସ୍ଥାରେ ଅଧିକ ନିଯୁକ୍ତି ଦେଉଥିବାରୁ ମଜବୁତ୍ ହେବାରେ ଲାଗିଛି ସରକାରୀ ସଂସ୍ଥାରେ ନିଯୁକ୍ତି କମ୍ ଥିବାରୁ ଦୁର୍ବଳ ହେବାରେ ଲଗିଛି । ଆମର ସବୁଠାରୁ ଦୁର୍ବଳ ରାଜସ୍ୱ ବିଭାଗ କାରଣ ଗୋଟିଏ ବି ଫିଲ୍ଡ ଷ୍ଟାଫ୍ ନାହାଁନ୍ତି ରାଜସ୍ବ ଆଦାୟ ପାଇଁ, ତେଣୁ ଟ୍ୟାକ୍ସ ଚୋରି ବ୍ଲାକମନି କାରବାର ବଢୁଛି । ଦେଶର ଅର୍ଥ ବ୍ୟବସ୍ଥା ଦୁର୍ବଳ ହେଉଛି ।

ସରକାରୀ ସଂସ୍ଥା ମଜବୁତ୍ ହେଲେ ଲୋକେ ନ୍ୟାୟ ଓ ଅଧିକାର ପାଇଯିବେ କାରଣ ଆପଣଙ୍କ ପିଲାଙ୍କୁ ପାଠ ପଢ଼ାଇବ ଶିକ୍ଷକ, ରୋଗ ଭଲ କରିବେ ଡାକ୍ତର,ନ୍ୟାୟ ଦେବ ଆଇନ କାନୁନ ଏମିତି ପ୍ରତେକ ସରକାରୀ ସଂସ୍ଥା ଦ୍ୱାରା ଲୋକଙ୍କୁ ଅଧିକାର ମିଳି ଥାଏ । ତେଣୁ ଆମକୁ ବ୍ୟବସ୍ଥା ଏକ ନମ୍ବର ଦରକାର ନେତା ନୁହେଁ । ତେଣୁ ଆଜିର ସରକାର ଆପଣଙ୍କ ଅଧିକାର ଛଡେଇବାକୁ ରାଜନୀତି କରୁଛନ୍ତି ଦେବାକୁ ନୁହେଁ । ଆଜି **ଜନତା ଦରବାର ପାର୍ଟି** ଏକ ମାତ୍ର ପାର୍ଟି କହୁଛି ବ୍ୟବସ୍ଥାକୁ ମଜବୁତ୍ କରିବା ପାଇଁ ଏବଂ ସରକାର ଲୋକଙ୍କ ପାଇଁ ଓ ଲୋକଙ୍କର କାର୍ଯ୍ୟ କରିବା ପାଇଁ ଯାହା ଆଜି ପର୍ଯ୍ୟନ୍ତ ହୋଇ ନାହିଁ । ବ୍ୟବସ୍ଥା ଆହୁରି ମଜବୁତ୍ ହେବ ଯଦି ନେତାଙ୍କ ପିଲା ସରକାରୀ ସ୍କୁଲ୍ ରେ ପଢିବେ ଏବଂ ରୋଗ ହେଲେ ସରକାରୀ ଚିକିତ୍ସାଳୟରେ ଭଲ ହେବେ, ଦେଖିବେ ଅଳ୍ପ ଦିନ ମଧରେ ଏସବୁ ସଂସ୍ଥା ଘରୋଇ ସଂସ୍ଥାଠାରୁ ମଜବୁତ୍ ହେବ । ନିଯୁକ୍ତି ଏକ ମାତ୍ର ଅସ୍ତ୍ର ଦେଶକୁ ମଜବୁତ୍ କରିବା ପାଇଁ ଏବଂ ସବୁ ସମସ୍ୟାର ସମାଧାନ ହେବ । ଆଉ କିଛି ଅନ୍ୟ ବିକଳ୍ପ ନାହିଁ, ଏହାହିଁ ଶେଷ ବିକଳ୍ପ ଆମର । ତେବେ ଯାଇ ଯୁବକମାନେ ଦେଶର ଭବିଷ୍ୟତ ବନେଇପାରିବେ । ଯାହା ଆଜିର ସରକାର ପାଇଁ ଅସମ୍ଭବ ତାହା **ଜନତା ଦରବାର ପାର୍ଟି** ପାଇଁ ସମ୍ଭବ, ଥରେ ପରୀକ୍ଷା କରି ଦେଖାନ୍ତୁ ।

**ଧନ୍ୟବାଦ ସହ**

**ପର୍ଶୁରାମ ବିଶ୍ବାଳ**
**ଆବାହକ ତଥା ଜାତୀୟ ସଭାପତି**
**ଜନତା ଦରବାର ପାର୍ଟି**


Regd. Off : MIG-II-70/1, HOUSING BOARD COLONY, CHANDRASEKHARPUR, BHUBANESWAR-751016(ODISHA)
Mob : 7608932393, 9090451048, 9438387468 Email : jdpodisha22@gmail.com